**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**17 February – 2026**

# ବିଧାନସଭା

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଗୃହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସମ୍ବୋଧନ ସହ ଅଧିବେଶନ ଆରମ୍ଭ ହେବ । ଆସନ୍ତା ଏପ୍ରିଲ୍ ମାସ ୮ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ହେବାକୁଥିବା ଅଧିବେଶନ କାଳରେ ମୋଟ୍ ୨୮ଟି କାର୍ଯ୍ୟଦିବସ ରହିଛି ।

ଗତକାଲି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଗୃହକୁ ସୁରୁଖୁରୁରେ ପରିଚାଳନା ନେଇ ବାଚସ୍ପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବିଭିନ୍ନ ରାଜନୈତିକ ଦଳର ବିଧାୟକ ଦଳ ବୈଠକ ଗତକାଲି ଅନୁଷ୍ଠିତ ହୋଇ ଅଧିବେଶନ ପାଇଁ ରଣନୈତିକ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା ।

# ସମବାୟ ମନ୍ତ୍ରୀସ୍ତରୀୟ ବୈଠକ

ଗୁଜରାଟର ଗାନ୍ଧିନଗର ମହାତ୍ମା ମନ୍ଦିରଠାରେ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀମାନଙ୍କର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ । କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ମନ୍ଥନ ବୈଠକରେ ସହକାର ସେ ସମୃଦ୍ଧି ଦୃଷ୍ଟିକୋଣ

ଆଧାରିତ ସମବାୟ କ୍ଷେତ୍ରକୁ ଅଧିକ ସ୍ୱଚ୍ଛ, ଆଧୁନିକ ଏବଂ ସଦସ୍ୟକୈନ୍ଦ୍ରିକ କରିବା ଉପରେ ଆଲୋଚନା କରାଯିବ ।

## ପରଲୋକ

ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କର ଗତକାଲି ୭୯ ବର୍ଷ ବୟସରେ ପରଲୋକ ହୋଇଛି । ସ୍ନାୟୁଜନିତ ରୋଗରେ ପୀଡ଼ିତ ହୋଇ ସେ ଗତ କିଛିଦିନ ଧରି ଚିକିତ୍ସାଧୀନ ଥିଲେ । ୨୦୧୪ ମସିହାରେ ବିଜେଡ଼ି ଟିକେଟରେ ସମ୍ବଲପୁର ନିର୍ବାଚନ ମଣ୍ଡଳୀରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆଜି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ।

## ଜେଇଇ- ପରୀକ୍ଷା

ଯୁଗ୍ମ ପ୍ରବେଶିକା ପରୀକ୍ଷା -ଜେଇଇ ମେନ୍ ୨୦୨୬ ପ୍ରଥମ ସେସନ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ୧୨ଜଣ ଛାତ୍ରଛାତ୍ରୀ ଶତପ୍ରତିଶତ ମାର୍କ ରଖିଛନ୍ତି । ଓଡ଼ିଶାର ଭବେଶ ପାତ୍ର ରାଜ୍ୟରେ ଶୀର୍ଷସ୍ଥାନ ହାସଲ କରିବା ସହ ସର୍ବଭାରତୀୟ ସ୍ତରରେ ଷଷ୍ଠ ସ୍ଥାନରେ ରହିଛନ୍ତି । ଦେଶର ୩୦୦ଟି ସହର ସମେତ ବିଦେଶର ୧୫ଟି ସହରରେ ଆୟୋଜିତ ପରୀକ୍ଷା କେନ୍ଦ୍ରରେ ୧୩ ଲକ୍ଷ ୪ ହଜାର ୬୩୫ ଜଣ

ଛାତ୍ରଛାତ୍ରୀ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ୍-ସିବିଟି ମାଧ୍ୟମରେ ପରୀକ୍ଷା ଦେଇଥିଲେ ।

## ସିବିଏସ୍‌ଇ ପରୀକ୍ଷା

ସି.ବି.ଏସ୍.ଇ. ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି। ଦଶମଶ୍ରେଣୀରେ ୨୫ଲକ୍ଷ ୮ ହଜାରରୁ ଅଧିକ ଏବଂ ଦ୍ୱାଦଶ ଶ୍ରେଣୀରେ ୧୮ ଲକ୍ଷ ୫୯ ହଜାରରୁ ଅଧିକ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେବେ । ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ କେନ୍ଦ୍ରରେ ପହଞ୍ଚିବାକୁ ସିବିଏସ୍‌ଇ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

ଦଶମ ଶ୍ରେଣୀ ପାଇଁ ୨ଟି ବୋର୍ଡ ପରୀକ୍ଷା ସଂକ୍ରାନ୍ତରେ ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ପ୍ରଥମ ବୋର୍ଡ ପରୀକ୍ଷାକୁ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ପ୍ରଥମ ବୋର୍ଡ ପରୀକ୍ଷା ଦେଲେ ହିଁ ଦ୍ୱିତୀୟ ବୋର୍ଡ ପରୀକ୍ଷା ପାଇଁ ଅନୁମତି ମିଳିବ ବୋଲି ସିବିଏସ୍‌ଇ କହିଛି।

## ଇଗ୍ନୋ ନାମଲେଖା

ଇଗ୍ନୋରେ ୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ଅବଧି ଏବଂ ପୁନଃପଞ୍ଜୀକରଣ ସମୟସୀମାକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୁନଃ ପଞ୍ଜୀକରଣ ପାଇଁ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦାଖଲ କରିବାକୁ ପଡ଼ିବ । ଇଗ୍ନୋ ୱେବ୍‌ସାଇଟ୍‌ରେ ଏ

ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ରହିଛି । ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ନାମଲେଖା ଓ ପୁନଃ ପଞ୍ଜୀକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି ବୋଲି ଇଗ୍ନୋ ପକ୍ଷରୁ କୁହାଯାଇଛି ।

## ସ୍ୱାସ୍ଥ୍ୟ ମହୋତ୍ସବ

ବ୍ରହ୍ମପୁରସ୍ଥିତ ଖଲ୍ଲୀକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ୫ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବର ଗତ ରବିବାର ଦିନ ଉଦ୍‌ଯାପନୀ ସମାରୋହରେ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦିଗରେ ମହୋତ୍ସବର ଭୂମିକା ଏବଂ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିଥିଲେ ।

## ଧାନ-ସ୍ୱତନ୍ତ୍ର ବ୍ୟବସ୍ଥା

ମାଲକାନଗିରି ଜିଲ୍ଲାରେ ଧାନ କଳାବଜାରକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲା ଯୋଗାଣ ବିଭାଗ, ପୋଲିସ୍ ଏବଂ ପ୍ରଶାସନିକ ଅଧିକାରୀଙ୍କ ମିଳିତ ସହଯୋଗରେ କାଳିମେଳା ଏବଂ ପଦ୍ମଗିରି ଅଞ୍ଚଳରେ ଅସାଧୁ ଧାନବ୍ୟବସାୟୀଙ୍କୁ ଧରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଭୀମଭୋଇ ଶ୍ରାଦ୍ଧୋତ୍ସବ

ମହିମା ଧର୍ମର ପ୍ରବର୍ତ୍ତକ ତଥା ଓଡ଼ିଆ ସାହିତ୍ୟର କାଳଜୟୀ କବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ସୁବର୍ଣ୍ଣପୁରଠାରେ ପାଳିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ, ମହାନଦୀ ସାହିତ୍ୟ ସଂସଦ ଓ ଇଙ୍କ୍‌ଫେଷ୍ଟ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଭୀମଭୋଇଙ୍କ ଅନବଦ୍ୟ ସୃଷ୍ଟି "ସ୍ତୁତି ଚିନ୍ତାମଣି" ଉପରେ ଆଲୋକପାତ କରିଛନ୍ତି ।

---

## ସଂସ୍କୃତ ଶିକ୍ଷକ ପରୀକ୍ଷା ଫଳ

ଲିଭ୍ ଟ୍ରେନିଂ ରିଜର୍ଭ-ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ଓଏସ୍‌ଏସ୍‌ସି ପକ୍ଷରୁ ପ୍ରକାଶିତ ତାଲିକାରେ ମୋଟ୍ ୬୪୭ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି । ସାଧାରଣବର୍ଗର କଟ୍‌ଅଫ୍ ମାର୍କ ୧୨୨ ଦଶମିକ ୫ ରଖାଯାଇଥିବା ବେଳେ ଏସ୍‌ଇ ବିସି ବର୍ଗରେ ୧୨୧, ଅନୁସୂଚିତ ଜାତି ପୁରୁଷ ବର୍ଗରେ ୭୭ ଏବଂ ମହିଳା ବର୍ଗରେ ୭୫ ଦଶମିକ ୫ ପ୍ରତିଶତ ରଖାଯାଇଛି ।

---

## କ୍ରିକେଟ୍

ସିନିୟର ମହିଳା ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି । ରାଜକୋଟର ସନସୋରା କ୍ରିକେଟ୍ ପଡ଼ିଆରେ ଗତକାଲି ଅନୁଷ୍ଠିତ ଷଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବରୋଦାକୁ ୨

ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଓଡ଼ିଶା ୧୬ ପଏଣ୍ଟ ହାସଲ କରି ଏଲିଟି ଗ୍ରୁପ୍-ଏ ଟେବୁଲ୍‌ର ଚତୁର୍ଥ ସ୍ଥାନରେ ପହଞ୍ଚିଛି। ଆସନ୍ତାକାଲି ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶା ଶେଷ ଲିଗ୍ ମ୍ୟାଚ୍ ଖେଳିବ ।

........................................................................................